## ଜାତୀୟ ରାଜପଥରେ ବାର୍‌ହା-ମଣିଷ ଲଢ଼େଇ

ଭଞ୍ଜନଗର,(ଡି.ଏନ.ଏ): କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ମୁଦୁଲିପଲ୍ଲୀରେ ଶୁକ୍ରବାର ସନ୍ଧ୍ୟାରେ ବାର୍‌ହା ଆକ୍ରମଣରେ ଜଣେ ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୁବାସ ବିଷୋୟୀ (୫୫)। ସୁବାସ ଜମିରୁ କାମ ସାରି ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥରେ ବାର୍‌ହା ହାବୁଡ଼ରେ ପଡ଼ିଥିଲେ। ବାର୍‌ହା ସହ ସେ ଲଢ଼େଇ କରି ଆହତ ହୋଇଥିଲେ। ଗ୍ରାମବାସୀ ସୁବାସଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି ।



## ସଂକ୍ଷେପରେ

### ଡିଭାଇଡ଼ରକୁ ଧକ୍କା ଦେଇ ଯୁବକ ମୃତ

**ଗୋପଳପୁର,୨୩।୪:** ଦୁଇ ଯୁବକ ଜୁପିଟର୍ ଗାଡିରେ ଗୋପାଳପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ କରାପଲ୍ଲି ସ୍ଥିତ ଜନ୍ସ ପ୍ଲେ ସ୍କୁଲ ନିକଟ ରାସ୍ତାର ଡିଭାଇଡର୍‌କୁ ପିଟି ହୋଇ ଗୁରୁତର ହୋଇଥିଲେ। ସେଥିରୁ ଜଣକ ମୃତ୍ୟୁ ଘଟିଛି। ସେ ହେଲେ ସାଗର ମହାପାତ୍ର (୨୮)। ଏ ନେଇ ତାଙ୍କ ଭାଇ ଆକାଶ ମହାପାତ୍ର ଅଭିଯୋଗ ପ୍ରକାରେ ପୋଲିସ ନଂ. ୭୨/୨୧ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୨୩।୪(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଥାନା କାଦୁଆ ଗ୍ରାମରେ ଶିବ ମନ୍ଦିର ନିକଟସ୍ଥ ଶ୍ମଶାନ ନିକଟରେ ଥିବା ନଦୀରରେ ବୁଡ଼ି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଞ୍ଜନଗର ଭେଜିପୁଟ ଅଞ୍ଚଳର ରାଜୀବ କୁମାର ପଣ୍ଡା (୩୫)।ରାଜୀବ କାଦୁଆ ଗ୍ରାମରେ ଥିବା ନିଜ ଭଉଣୀ ଘରକୁ ଯାଇଥିଲେ। ସକାଳ ୬ ଟାରେ ନଦୀକୁ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ବହୁତ ସମୟ ଧରି ରାଜୀବ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀରୁ ମୃତଦେହ ବାହାର କରିଥିଲେ। ସ୍ଥାନୀୟ ପୋଲିସ ମୃତଦେହ ଜବତ କର ନଂ. ୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

**ଆସିକା,୨୩।୪(ଡି.ଏନ୍.ଏ.):** ଆସିକା ବାଣୀବିହାର ପ୍ରଥମ ଲାଇନର ଧର୍ମପ୍ରାଣ ବ୍ୟକ୍ତି କନ୍ଧ ପଣ୍ଡାଙ୍କର ଶନିବାର ଭୋର୍‌ରେ ନିଜ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୯୦ ବର୍ଷ ହୋଇଥିଲା । ମୃତ୍ୟୁ ବେଳକୁ ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ଆସିକା ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ଡା. ପ୍ରମୋଦ କୁମାର ପଣ୍ଡା ଓ ଅନ୍ୟ ଦୁଇ ପୁତ୍ର ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପଣ୍ଡାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଋଷିକୂଲ୍ୟା ଓ ବଡନଦୀର ସଂଗମସ୍ଥଳ ବୁଡତୋଟାଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

### ବାଲିପଦର ବେସରକାରୀ ଶିକ୍ଷାନୁଷ୍ଠାନ ଅଧକ୍ଷଙ୍କ ମୃତ୍ୟୁ

**ବୁଗୁଡ଼ା,୨୩।୪(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବାଲିପଦରର ବେସରକାରୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ରତ୍ନାକର ମହାରଣା (୪୬)। ରତ୍ନାକର ଗତ ୧୪ ତାରିଖରେ ଜ୍ୱର ଓ କାଶରେ ପୀଡ଼ିତ ହୋଇ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ୧୫ ତାରିଖ ରାତିରେ ଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ତାଙ୍କର ରିପୋର୍ଟ ପିଜିଟିଭ୍ ବାହାରିଥିବା ପରିବାର ଲୋକେ କହିଛନ୍ତି। ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା ଓ ବୁଦ୍ଧିଜୀବୀ, ଅଭିଭାବକ ତଥା ସାଧାରଣରେ ଶୋକ ପ୍ରକାଶ କରାଯାଇଛି।

# ଶଟ୍‌ଡାଉନ୍ ପାଇଁ ଚିନ୍ତାରେ କ୍ଷୁଦ୍ର ବ୍ୟବସାୟୀ

**ବ୍ରହ୍ମପୁର ଅଫିସ,୨୩।୪**

ବ୍ରହ୍ମପୁରରେ ଶନିବାରରୁ ଆରମ୍ଭ ହେବ ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ। ଏହା ଶତାଧିକ ରାସ୍ତାକଡ଼ କ୍ଷୁଦ୍ର ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରତିଦିନ ବ୍ରହ୍ମପୁର ଉପକଣ୍ଠ ଗାଁଗଣ୍ଡାରୁ ମହାନଗରକୁ ଆସି ପନିପରିବା, ଫଳମୂଳ ଆଦି ବିକ୍ରି କରୁଥିବା ଗରିବ ମହିଳାଙ୍କ ରୋଜଗାର ପ୍ରଭାବିତ ହେବା ସ୍ପଷ୍ଟ ହୋଇଛି। ଗତବର୍ଷ ମାର୍ଚ୍ଚରୁ ପ୍ରାୟ ୧୦ ମାସ ଧରି ଶଟ୍‌ଡାଉନ, ଲକଡାଉନ ଓ ନାଇଟ କର୍ଫ୍ୟୁ ଯୋଗୁ ସବୁ ବର୍ଗର ବ୍ୟବସାୟୀ ଘୋର ଆର୍ଥିକ ସଙ୍କଟରୁ ମୁକୁଳି ପାରି ନ ଥିବା ବେଳେ ଏବେ ଆତଙ୍କ ସୃଷ୍ଟି କରିଥିବା କରୋନାର ଦ୍ୱିତୀୟ ଲହର ପାଇଁ ପୁଣି କଡ଼ା କଟକଣା ଜାରି କରାଯାଇଛି। ସେପଟେ ଆଗାମୀ ୨ରୁ ୩ ମାସ ପର୍ଯ୍ୟନ୍ତ ଲୋକେ ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିବାରୁ ସ୍ଥିତି ସଂଗୀନ ହେବା ଆଶଙ୍କା କରାଯାଇଛି।

## ପ୍ରବାସୀ ଶ୍ରମିକଙ୍କ ସୁଅ ଛୁଟୁଛି, ସଂକ୍ରମିତଙ୍କ ସଂଖ୍ୟା ବଢ଼ୁଛି

ଗଞ୍ଜାମର ବ୍ରହ୍ମପୁର ମହାନଗର ଓ ହିଞ୍ଜିଳି ପୌରାଞ୍ଚଳ ସମେତ ଆଉ ୧୬ ସହରାଞ୍ଚଳରେ ଲାଗୁ ହୋଇଥିବା ନାଇଟ କର୍ଫ୍ୟୁର ଏକ ସପ୍ତାହ ବିତିଛି। ରାତି ୯ଟା ପରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହୋଇଛି। ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ଅମାନିଆଙ୍କୁ ତାଗିଦ ସାଙ୍ଗକୁ କେତେକ କ୍ଷେତ୍ରରେ ଜରିମାନା ଆଦାୟ କରାଯାଉଛି। ଦୁଇ ଦିନିଆ ଶଟ୍ ଡାଉନ ଦ୍ୱାରା ଶହ ଶହ କୋଟି ଟଙ୍କାର ବ୍ୟବସାୟ ଠପ୍ ହେବ ବୋଲି ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଗତ କିଛିଦିନ ହେବ ଜିଲାକୁ ପ୍ରବାସୀ ଓଡ଼ିଆଙ୍କ ସୁଅ ଛୁଟିବାରେ ଲାଗିଛି। ସୁରଟ ସମେତ ବିଭିନ୍ନ ରାଜ୍ୟରୁ ଆସୁଥିବା ଶ୍ରମିକଙ୍କ ଯୋଗୁ ସଂକ୍ରମିତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗତ ଗୁରୁବାର ସୁଦ୍ଧା ୧୧ ହଜାର ପ୍ରବାସୀ ଫେରିଥିବା ସରକାରୀ ଭାବେ କୁହାଯାଇଥିଲେ ମଧ୍ୟ ଅନେକ ନିଜ ନାମ ପଞ୍ଜୀକୃତ ନ କରି ଗଳାବାଟରେ ଘରକୁ ଫେରୁଥିବାରୁ ଏହି ସଂଖ୍ୟା ଅଧିକ ହେବାର ଆଶଙ୍କା କରାଯାଇଛି।



ଏମ୍‌କେସିଜି ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ ବ୍ୟାରିକେଡ।

## ରାସ୍ତାପାର୍ଶ୍ୱ ପରିବା ବିକାଳିଙ୍କ ପାଇଁ ବ୍ୟାରିକେଡ୍

**ବ୍ରହ୍ମପୁର ଅଫିସ୍,୨୩।୪**

ବ୍ରହ୍ମପୁର ମହାନଗରରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ଜିଲା ପ୍ରଶାସନ ଓ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମହାନଗର ନିଗମ ପକ୍ଷରୁ ଭେଣ୍ଡିଂ ଜୋନ୍ ନିକଟସ୍ଥ ରାସ୍ତା ପାଶ୍ୱ ପରିବା ବିକାଳିଙ୍କ ପାଇଁ ବ୍ୟାରିକେଡ୍ କରାଯାଇଛି। ଏସବୁ ସ୍ଥାନରେ ସାମାଜିକ ଦୂରତା ରହୁ ନ ଥିବା ନେଇ ବାରମ୍ବାର ନଜରକୁ ଆସିବା ପରେ ବିଏମ୍‌ସି ପକ୍ଷରୁ ଏଭଳି କରାଯାଇଛି। ଗୁରୁବାର ରାତ୍ରିରୁ ଏମ୍‌କେସିଜି ସ୍ଥିତ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ପାର୍ଶ୍ୱ ରାସ୍ତା, ବିଜିପୁର, ଗେଟ୍ ବଜାର ଓ ଗିରି ମାର୍କେଟ ଆଦି ଅଞ୍ଚଳର ରାସ୍ତା ପାର୍ଶ୍ୱରେ ବାଉଁଶ ବ୍ୟାରିକେଡ୍ କରାଯାଇଛି। ଗ୍ରାହକ ଓ ବ୍ୟବସାୟୀଙ୍କ କ୍ଷେତ୍ରରେ ସାମାଜିକ ଦୂରତା ବଜାୟ ରଖିବା କ୍ଷେତ୍ରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବିଏମ୍‌ସି ଡେ଼ପୁଟି କମିଶନର ରୋମାଞ୍ଚଳ ଖମାରୀ କହିଛନ୍ତି। ଆଗାମୀ ଦିନରେ ସଂକ୍ରମଣ ବୃଦ୍ଧି ପାଇଲେ ଆବଶ୍ୟକ ସ୍ଥଳେ ସହରର ମୁଖ୍ୟ ଛକଗୁଡ଼ିକରେ ମଧ୍ୟ ଏଭଳି ବ୍ୟାରିକେଡ୍ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।





ସିପିଆଇଏମ୍ କର୍ମୀମାନେ ପ୍ରତିବାଦ ଜଣାଉଛନ୍ତି।

## ବର୍ଦ୍ଧିତ ବିଦ୍ୟୁତ୍ ଟିକସ ପ୍ରତ୍ୟାହାର ଦାବି

**ବ୍ରହ୍ମପୁର ଅଫିସ୍,୨୩।୪**

ବର୍ଦ୍ଧିତ ବିଦ୍ୟୁତ୍ ଟିକସକୁ ନେଇ ସିପିଆଇଏମ୍ ପକ୍ଷରୁ ଶୁକ୍ରବାର ରାଜ୍ୟବ୍ୟାପୀ ବିରୋଧ କରାଯାଇଛି। ବ୍ରହ୍ମପୁରରେ ସିପିଆଇଏମ୍ ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପ୍ରତିବାଦ କରାଯାଇଛି। ପେଟ୍ରୋଲ, ଡ଼ିଜେଲ୍ ଓ ଗ୍ୟାସ୍ ଦର ହ୍ରାସ ଏବଂ ଖାଦ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଦଳ ପକ୍ଷରୁ ଦାବି ହୋଇଥିଲା। ଏଥିସହ ବର୍ଦ୍ଧିତ ବିଜୁଳି ଟିକସ ପ୍ରତ୍ୟାହାର, ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ୍ ୨୦୨୦ ବାତିଲ୍ ଓ କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ଶିବ ମହାପାତ୍ର, ବାବୁଲି ନାୟକ, ହରି ନାୟକ, ଚିଟି ବାବୁ, ରଞ୍ଜନ ପାତ୍ର, କେଶବ ଗୌଡ଼, ଗୋପାଳ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମୀ ପ୍ରତିବାଦ ସଭାରେ ସାମିଲ ଥିଲେ।

## ତହସିଲଦାରଙ୍କ ଥାନାରେ ଅଭିଯୋଗ
### କରୋନା ଦୂର ପାଇଁ ପୂଜାର୍ଚ୍ଚନା

**ହିଞ୍ଜିଳିକାଟୁ,୨୩।୪(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ଖରିଡ଼ା ଗ୍ରାମରେ କରୋନା ମହାମାରୀ ଦୂର ପାଇଁ ଗତ ମଙ୍ଗଳବାର ଗ୍ରାମବାସୀ କଟକଣା ନ ମାନି କୁରେଇଶୁଣୀ ମନ୍ଦିରରେ ପୂଜାର୍ଚ୍ଚନା ଓ କଳସ ଯାତ୍ରା କରିଥିଲେ। ଏ ନେଇ ହିଞ୍ଜିଳିକାଟୁ ଭାରପ୍ରାପ୍ତ ତହସିଲଦାର ଏକ ଅଭିଯୋଗ (ଚିଠି ନଂ. ୨୮୩୯/ଜରୁରୀ) ଥାନାରେ ଦେଇଛନ୍ତି। ପୋଲିସ ନଂ.୧୮୩/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶୁକ୍ରବାର ଗ୍ରାମର କେତେଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚାଲିଛି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

**ଗୋଷାଣୀ,୨୩।୪**

ଗଜପତି ଜିଲା ରାୟଗଡ଼ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜଣେ ବିବାହିତ ଯୁବକ ଶାରିରୀକ ସମ୍ପର୍କ ରଖିଥିବା ଗାରାବନ୍ଧ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୩୩/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅଭିଯୁକ୍ତଙ୍କର ଦୁଇଟି ସନ୍ତାନ ଅଛନ୍ତି। ପ୍ରତାରଣା କରି ଯୁବତୀଙ୍କୁ ସେ ଗର୍ଭବତୀ କରାଇବା ପରେ ବିବାହ କରିବାକୁ ମନା କରି ଦେଇଥିଲେ।



## ୬.୧୦ କୁଇଣ୍ଟାଲ ଗଞ୍ଜେଇ ଜବତ

ଜବତ ଗଞ୍ଜେଇ ।

**ଫୁଲବାଣୀ ଅଫିସ, ୨୩।୪**

କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ପୋଲିସ ବାଘଡୁଙ୍ଗୁରି ଗ୍ରାମରେ ଚଢ଼ାଉ କରି ୬ କୁଇଣ୍ଟାଲ ୧୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇ ଥିବା ବେଳେ ୫ ଜଣ ଫେରାର୍ ହୋଇଯାଇଛନ୍ତି। ଗିରଫ ଯୁବକ ହେଲେ ବାଘଡୁଙ୍ଗୁରୀର ଗଜେନ୍ଦ୍ର ବିଶି। ବାଘଡୁଙ୍ଗୁରି ଗ୍ରାମର ଏକ ସ୍ଥାନରେ ଗଞ୍ଜେଇ ମହଜୁଦ୍ ରଖାଯାଇ ବାହାରକୁ ଚାଲାଣ କରାଯିବାକୁ ଯୋଜନା ହେଉଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା । ଗୋଚ୍ଛାପଡା ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ ଏକ ଟିମ୍ ନେଇ ସେଠାରେ ଚଢ଼ାଉ କରିଥିଲେ । ପୋଲିସ ଦେଖି ୫ ଜଣ ଚମ୍ପଟ ମାରିଥିବା ବେଳେ ଗଜେନ୍ଦ୍ର ଧରାପଡିଥିଲେ । ଗଞ୍ଜେଇ କନ୍ଧମାଳ ଦେଇ ବାହାରକୁ ଚାଲାଣ ହେବାକୁ ଥିଲା ବୋଲି ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ କହିଛନ୍ତି। ଏ ନେଇ ଥାନାରେ ନଂ.୩୧/୨୧ରେ ମାମଲା ରୁଜୁ ହୋଇଛି ।

# ୨୦୧୯ ବ୍ୟାଚ୍‌ର ଟପ୍ପରଙ୍କୁ ସ୍ୱର୍ଣ୍ଣପଦକ



ସ୍ୱର୍ଣ୍ଣପଦକ ପ୍ରାପ୍ତ ଟପ୍ପର ଛାତ୍ରୀଛାତ୍ର।

**ବ୍ରହ୍ମପୁର ଅଫିସ,୨୩।୪**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟହଲ ଠାରେ କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ଶୁକ୍ରବାର ୨୦୧୯ ସ୍ନାତକୋତ୍ତର ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା ୩୮ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ଓ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ.ଚକ୍ରପାଣି ଅଧ୍ୟକ୍ଷତା କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ମଞ୍ଚାସୀନ ଥିଲେ। କୁଳପତି ପ୍ରଫେସର ଚକ୍ରପାଣି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ଜାରି ରଖିବା ସହ ଦେଶ ସୁରକ୍ଷାରେ ନିୟୋଜିତ ହେବାକୁ ଆହ୍ୱାନ ଦେଇଥିଲେ। ଇତିହାସ ବିଭାଗର ପଦ୍ମିନୀ ପାଣିଗ୍ରାହୀ, ଆଇ ଆର୍ ଏଣ୍ଡ ପିଏମ୍‌ର ଶ୍ରୀକାନ୍ତ ଡାକୁଆ, ଓଡ଼ିଆର କୁନା ଜେନା, ରାଜନୀତି ବିଜ୍ଞାନର ରାଜେଶ ବାରିକ, ଅର୍ଥନୀତିର ଶୁଭଦର୍ଶନୀ ସ୍ୱାଇଁଙ୍କ ସମେତ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ଓ ମାନପତ୍ର ଦିଆଯାଇଥିଲା। ଉପ କୁଳସଚିବ ଡ . ବାବୁଜୀ ସାମଲ, ସହ କୁଳସଚିବ ଡ଼. ସରୋଜ କୁମାର ଦାଶ, ଛାତ୍ର କଲ୍ୟାଣ ଅଧିକାରୀ ଡ. ପଦ୍ମନାଭ ସାମନ୍ତ, ମାର୍କଣ୍ଡ କାଳି ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲେନିନ୍ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ୍,୨୩।୪**

ମହାନ୍ ଦାର୍ଶନିକ, ବିଶିଷ୍ଟ ମାର୍କ୍ସବାଦୀ ତତ୍ୱବିତ୍ ତଥା ସର୍ବହରା ଶ୍ରେଣୀର ଜନନାୟକ ଭି.ଆଇ.ଲେନିନ୍‌ଙ୍କ ୧୫୧ ତମ ଜୟନ୍ତୀ ଅବସରରେ ଗୁରୁବାର ହିଲ୍‌ପାଟଣା ସ୍ଥିତ ସିପିଆଇଏମ୍ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକ ଯୋଗ ଦେଇ କହିଥିଲେ, ଲେନିନ୍‌ଙ୍କ ନେତୃତ୍ୱ ଦ୍ୱାରା ହିଁ ବିପ୍ଲବ ମାଧ୍ୟମରେ ଋଷ୍‌ରୁ ପ୍ରଥମ ଥର ପାଇଁ ଶ୍ରମିକ ଶ୍ରେଣୀ ନେତୃତ୍ୱରେ ସରକାର ପ୍ରତିଷ୍ଠା ହୋଇଥିଲା। ଶ୍ରେଣୀମୁକ୍ତ ଓ ଶୋଷଣ ହୀନ ସମାଜ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ଲେନିନ୍‌ଙ୍କ ଅବଦାନ ଅବିସ୍ମରଣୀୟ ପଟ୍ଟନାୟକ କହିଥିଲେ। ଏଥିସହ ସାଂପ୍ରତିକ ପରିସ୍ଥିତିରେ ପୁଞ୍ଜିବାଦ ବ୍ୟବସ୍ଥାର ବିଲୋପ ପାଇଁ ଶ୍ରମିକ ଓ କୃଷକ ଏକତା ବଦ୍ଧ ହୋଇ ଦଳକୁ ସୁଦୃଢ଼ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ୍ ନେତା ବସନ୍ତ ନନ୍ଦ, ଯୁଧିଷ୍ଠିର ବେହେରା, ପି.ହରିକୃଷ୍ଣ ରେଡ୍ଡି, ପ୍ରତାପ ଚୌଧୁରୀ, ରଞ୍ଜନ ପାତ୍ର, ଚିଟି ବାବୁ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## କୋଭିଡ୍ ନିୟମ ଉଲ୍ଲଂଘନ, ଷ୍ଟେଟ ବ୍ୟାଙ୍କ ସିଲ୍

**ଗଞ୍ଜାମ,୨୩।୪(ଡି.ଏନ.ଏ.)**

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗଞ୍ଜାମ ସହରରେ ରହିଥିବା ଷ୍ଟେଟ୍ ବ୍ୟାଙ୍କ୍‌କୁ ୨୪ ଘଣ୍ଟା ପାଇଁ ବନ୍ଦ କରାଯାଇଛି। ଶାଖାରେ ସ୍ଥାନୀୟ ଏନ୍‌ଏସି ଓ ପୋଲିସ ପ୍ରଶାସନ ପକ୍ଷରୁ ଗୁରବାର ଅଧିକାରୀମାନେ ଗସ୍ତ କରି ଗ୍ରାହକମାନଙ୍କ ପ୍ରବଳ ଭିଡ ସହ କହି ମାକ୍ସ ପିନ୍ଧି ନଥିବା,ସାମାଜିକ ଦୂରତା ନଥିବା ଦେଖି ବ୍ୟାଙ୍କ୍ ସିଲ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଗଞ୍ଜାମ ଥାନାଧିକାରୀ ଦିଲୀପ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ହୁମ୍ମା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କୁ ସ୍ଥାନୀୟ ତହସିଲଦାର ଅରୁଣ କୁମାର ନାୟକ ୨୪ ଘଣ୍ଟା ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଚନ୍ଦ୍ରମଣି ସୁବୁଦ୍ଧି
ପିପି-୧୩, ପାଣ୍ଡବ ନଗର, ଭୁବନେଶ୍ୱର
ଆବିର୍ଭାବ - ୧୫.୦୫.୧୯୩୩
ତିରୋଧାନ - ୧୪.୦୪.୨୦୨୧

ବୋଉ... ପ୍ରତି ମହୂର୍ତ୍ତରେ ତୁମର ଶୂନ୍ୟସ୍ଥାନ ଆମକୁ ବ୍ୟଥିତ କରୁଛି । ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲପାଇବା ଆମ୍ଭେ କେବେହେଲେ ଭୁଲିପାରିବୁ ନାହିଁ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୦୫୯୧

**ଏକାଦଶତମ ଶ୍ରାଦ୍ଧବାର୍ଷିକୀ**



୰ସ୍ନେହଲତା ଷଡ଼ଙ୍ଗୀ
ରତ୍ନାକରବାଗ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ାଯାତ୍ରା

ଇତି ମଧ୍ୟରେ ୧୧ବର୍ଷ ବିତିଗଲାଣି । ତଥାପି ଲାଗୁଛି, ସତେ ଯେପରି ତୁମେ ଆମ ସହିତ ଅଛ । ତୁମ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ଆଦର୍ଶ ଆମକୁ ପ୍ରେରଣା ଦେଉଥାଉ । ତୁମେ ଯେଉଁଠି ଥାଅ, ଶାନ୍ତିରେ ଥାଅ । ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା ।

-:ଶୋକସନ୍ତପ୍ତ:-
ସ୍ୱାମୀ: କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଓ ପରିବାରବର୍ଗ ।

ଧ-୨୦୫୮୬


## ଓଭରବ୍ରିଜ୍‌ରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୩।୪**

ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହଳଦିଆପଦର ଓଭରବ୍ରିଜରୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମିନାକ୍ଷୀ ନଗରର ସନ୍ତୋଷ କୁମାର ସାସମଲ। ରେଳବାଇ ପୋଲିସ ଶୁକ୍ରବାର ଏମ୍‌କେସିଜି ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ.୨୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ ବୋଲି ପୋଲିସ କହିଛି। ପ୍ରକାଶ ଯେ, ସନ୍ତୋଷ ଦୁବାଇରେ ଏକ କମ୍ପାନୀରେ କାମ କରୁଥିଲେ। ସେ ଗତ କିଛି ମାସ ହେଲା ଘରକୁ ଫେରିଥିଲେ। ଗୁରୁବାର ସନ୍ଧ୍ୟାରେ ଜଣେ ସାଙ୍ଗଙ୍କ ପାଖକୁ ଯାଉଛି କହି ଘରୁ ଆସିଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ସେ ଓଭରବ୍ରିଜରୁ ଡେଇଁ ପଡ଼ିଥିଲେ। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତିକରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା।

## ପୁନଃ କାର୍ଯ୍ୟକ୍ଷମ ହେଲା ବିଇଓ କାର୍ଯ୍ୟାଳୟ

**ରାୟଗଡ଼(ଗଜପତି)୨୩।୪ (ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାରେ ବିଇଓ କାର୍ଯ୍ୟାଳୟ ପୁନଃ କାର୍ଯ୍ୟକ୍ଷମ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଶୁକ୍ରବାର ଏହାର ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଏବିଇଓ ଏସ୍. ପାପାରାଓ, ରାୟଗଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଏସ୍.ମଣିମାଳା, ସାନଡୁଣ୍ଡି ସମିତିସଭ୍ୟ ନବ କିଶୋର ଶବର ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଯେ, ଡିପିଇପି ପାଣ୍ଠିରୁ ଉକ୍ତ ବିଲ୍ଡିଂ ନିର୍ମାଣ ହୋଇ ବିଆରସିସିଙ୍କ କାର୍ଯ୍ୟାଳୟ ଭାବେ ବ୍ୟବହୃତ ହୋଇ ଆସିଥିଲା। ପରେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। ବିଇଓ ସେଠିଙ୍କ ତତ୍ତ୍ୱାବଧାନରେ ଉପ ବିଭାଗ ଅଧିକାରୀ ଉଷଦ କୁମାର ଦାସ, ବରିଷ୍ଠ ସହାୟକ ସୁମନ୍ତ କାର୍ଯୀ ଓ କନିଷ୍ଠ ସହାୟକ ଅମିତ କୁମାର ସ୍ୱାଇଁଙ୍କ ସହଯୋଗରେ କର୍ମଚାରୀଙ୍କ ଆର୍ଥିକ ସହାୟତାରେ ଉକ୍ତ ବିଲ୍ଡିଂ ପୁନଃ କାର୍ଯ୍ୟକ୍ଷମ ହୋଇଛି।

## ବ୍ୟାଙ୍କରେ ଲିଙ୍କ୍ ଫେଲ୍, ଗ୍ରାହକ ନିରାଶ

**ରମ୍ଭା,୨୩।୪**

ରମ୍ଭା ସହରରେ ଥିବା ୟୁନିୟନ ବ୍ୟାଙ୍କରେ ପ୍ରାୟ ତିନି ମାସ ହେଲା ଅଧିକାଂଶ ସମୟ ଲିଙ୍କ୍ ଫେଲ୍ ରହୁଥିବା ଅଭିଯୋଗ ହେଉଛି। ୧୫ ଦିନ ହେଲା ବ୍ୟାକ୍‌ରେ ଲିଙ୍କ ଆଦୌ ନାହିଁ। ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଙ୍କରେ ତାଲା ପକାଇ ଦେଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବିଭିନ୍ନ ବର୍ଗର ଲୋକ ଜମା ଟଙ୍କା ଉଠାଣ କରିବା ପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡୁଥିଲେ ମଧ୍ୟ ବ୍ୟାଙ୍କରେ ଭିତର ପଟୁ ତାଲା ପଡୁଥିବା ଦେଖି ନିରାଶରେ ଘରକୁ ଫେରୁଛନ୍ତି। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଲିଙ୍କଫେଲ୍ ରହିଥିବା ଉତ୍ତର ମିଳୁଛି। ଯାହାକୁ ନେଇ ଖାତାଧାରୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ସାନରାମଚନ୍ଦ୍ରପୁର ପଞ୍ଚାୟତ ସମିତିସଭ୍ୟା ପ୍ରତିନିଧି ଏହି ସମସ୍ୟା ସମାଧାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।


**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
8895029591

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



(ପୁପୁନ)
ପ୍ରଭୁ ପ୍ରସାଦ ଦାସ
ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର
ଆଜି ତୋର ଶୁଭ ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ।
-:ଶୁଭେଚ୍ଛା ସହ:-
ତିନି ଜେଜେ, ତିନି ମା', ଅଜା, ଆଈ, ମାମୁ, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ଖୁଡ଼ୀ, ଅପା, ପିଉସା, ସୋମଭାଇ, ବବ୍‌ଲି, ଛବ୍‌ଲି, ଲକି, ଖୁସି, ସାଇ, ତିତ୍‌ଲି, ଓମ୍, ରିସି ଓ ବନ୍ଧୁ ପରିବାରବର୍ଗ ।
ଧ-୬୯୪୯୯

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**Indus Digilat Tower**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



R-102, Cyber Building, Bangalore, Karnataka-400021.
6396901850
7505488038

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଗଞ୍ଜାମ,(ଡି.ଏନ.ଏ.): ଗଞ୍ଜାମ ଏନ୍‌ଏସିରେ କାର୍ଯ୍ୟରତ ଅସ୍ଥାୟୀ ସୁଇପର (ଝାଡୁଦାର)ଙ୍କ ବିଭିନ୍ନ ସମସ୍ୟା ଠିକାଦାର ବୁଝୁ ନ ଥିବା ନେଇ ସୁଇପରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଦୁଇଦିନ ଧରି କୌଣସି ସୁଇପର ସଫେଇ କରି ନ ଥିବାରୁ ସମସ୍ତ ୱାର୍ଡଗୁଡ଼ିକରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ସୁଇପରମାନେ ଏନେଇ ଗୁରୁବାର ଏନ୍‌ଏସି ଇଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରିମଳ ଠିକା ନେଇଥିବା ଠିକାଦାର ଗଞ୍ଜାମ ଏନ୍‌ଏସି ଆସି ସୁଇପରମାନଙ୍କ ସହ ଆଲୋଚନା କରିଥିଲେ। ଦରମା, ପିଏଫ ସ୍ଲିପ, ସେଫଟି ଜିନିଷ ଓ ପରିଚୟ ପତ୍ର ଆଦି ସମସ୍ୟାଗୁଡ଼ିକ ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସୁଇପରମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଛନ୍ତି। ଫଳରେ ଶୁକ୍ରବାର ସହରର ସଫେଇ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### ଗଜପତିରେ ୪୭ ପଜିଟିଭ୍

ପାରଳାଖେମୁଣ୍ଡି,୨୩।୪(ଡି.ଏନ୍.ଏ.) ଗଜପତି ଜିଲାରେ ଶୁକ୍ରବାର ୪୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ପାରଳାଖେମୁଣ୍ଡି ସହରରୁ ସର୍ବାଧିକ ୧୭, ଗୋଷାଣୀ ବ୍ଲକରୁ ୨, ଗୁମ୍ମା ବ୍ଲକ୍‌ରୁ ୨, କାଶୀନଗର ବ୍ଲକରୁ ୩, ରାୟଗଡ଼ ବ୍ଲକରୁ ୩, ନୂଆଗଡ଼ ବ୍ଲକରୁ ୩, ମୋହନା ବ୍ଲକରୁ ୧୪ ଏବଂ ଉଦୟଗିରି ବ୍ଲକରୁ ଜଣେ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଚିହ୍ନଟ ହୋଇଥିବା ଗଜପତି ଜିଲାପାଳ ଅନୁପମ ଶାହା ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି । ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୫୧୮ରେ ପହଞ୍ଚିଛି। ସଂକ୍ରମିତମାନେ ହୋମ ଆଇସୋଲେଶନ, କୋଭିଡ୍ ହସ୍ପିଟାଲ ଏବଂ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସହରର ସମସ୍ତ ନାକା ପଏଣ୍ଟରେ ପୋଲିସ ଚେକିଂ କଡ଼ାକଡ଼ି କରାଯାଉଛି। ଜିଲାପାଳ ଏବଂ ଆରକ୍ଷୀ ଅଧିକାରୀ ଉପସ୍ଥିତ ରହି ଏହାକୁ ତଦାରଖ କରୁଛନ୍ତି।

### ଦୋକାନ ସିଲ୍ କଲେ ତହସିଲଦାର

ଜି.ଉଦୟଗିରି,୨୩।୪(ଡି.ଏନ.ଏ.): କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ ଆଉ ଏକ ଦୋକାନ ସିଲ କରିଛନ୍ତି ଜି. ଉଦୟଗରି ତହସିଲ ପ୍ରଶାସନ। ପୂର୍ବରୁ ସହରରେ ଗୋଟିଏ ଦୋକାନ ସିଲ ହୋଇଥିବା ବେଳେ ଶୁକ୍ରବାର ଆଉ ଗୋଟିଏ ଦୋକାନକୁ ସିଲ କରିଛନ୍ତି ତହସିଲଦାର ଅବିନାଶ ମାହାର। ଦିନକୁ ଦିନ କନ୍ଧମାଳରେ କରୋନା କାୟା ବିସ୍ତାର କରିଚାଲିଛି। ଏହାକୁ ପ୍ରତିହତ ପାଇଁ ଜିଲାର ପ୍ରତି ପ୍ରବେଶ ପଥରେ ନାକା ପୋଷ୍ଟ କରି କରାଯାଇ ପ୍ରବାସୀଙ୍କ ଉପରେ ନଜର ରଖାଯାଇଛି। ମାସ୍କ ବ୍ୟବହାର ସହିତ ସାମାଜିକ ଦୂରତା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ କୁହାଯାଉଥିବା ବେଳେ ଶୁକ୍ରବାର ଏନଏସି ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଦୁଇ ଦିନିଆ ଶଟଡାଉନ ଘୋଷଣା କରାଯାଇଛି।

### କୋଭିଡ୍ ୱାର୍ଡରେ ଖବରଦାତାଙ୍କ ମୃତ୍ୟୁ

ଚିକିଟି,୨୩।୪(ଡି.ଏନ.ଏ.)- ଚିକିଟି ବ୍ଲକର ଖବରଦାତା ମନୋଜ କୁମାର ସାହୁ (୪୦)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଚିକିଟିପେଣ୍ଠ ସ୍ଥିତ ପଦ୍ମନଗର ୩ୟ ଲାଇନ୍‌ରେ ରହୁଥିବା ମନୋଜଙ୍କୁ ଗତ ୧୯ ତାରିଖରେ କରୋନା ଲକ୍ଷଣ ଦେଖାଦେବାରୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗତ ମଙ୍ଗଳବାର ରାତିରେ ହଠାତ୍ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲସ୍ଥିତ କୋଭିଡ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ମୃତ ଖବରଦାତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଚିକିଟି ପ୍ରେସ୍ କ୍ଲବ୍ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ୪୭ କେଜି ଗଞ୍ଜେଇ ସହ କାର୍ ଜବତ

ଆର.ଉଦୟଗିରି,୨୩।୪(ଡି.ଏନ.ଏ.)- ମୋହନା ପୋଲିସ ଲୁହାଗୁଡ଼ି ଛକରୁ ଏକ କାର୍‌ରୁ ୪୭ କେଜି ଗଞ୍ଜେଇ ଜବତ କରିଛି। ଗତ ଦୁଇଦିନ ହେଲା ଏକ ଅଜଣା କାରଟି ଲୁହାଗୁଡି ନିକଟସ୍ଥ ରାଜପୁତ ଢାବା ଛକରେ ରଖାଯାଇଥିବା ଦେଖି ପୋଲିସ ସନ୍ଦେହ କରି ୨୪ ଘଣ୍ଟା ପରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ମୋହନା ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଗାଡ଼ିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ କାର୍ ଡିକିରେ ୨ବସ୍ତା ଗଞ୍ଜେଇ ଥିବା ଜଣାପଡ଼ିଥିଲା। ସ୍ଥାନୀୟ ପୋଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। କାର ଚାଳକ ଫେରାର ଅଛନ୍ତି।

# ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓପିଡି ବନ୍ଦ

ଛତ୍ରପୁର,୨୩।୪(ଡି.ଏନ୍.ଏ.)


ବୈଠକରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ।

- ଗଞ୍ଜାମରେ ପୁଣି ରେଡ୍, ଗ୍ରୀନ ଜୋନ କରାଯିବ
- ୬ ହଜାର ଶଯ୍ୟା ପ୍ରସ୍ତୁତ ରଖିବାକୁ ଗୁରୁତ୍ୱ

ଗଞ୍ଜାମ ଜିଲାରେ କରୋନା ସ୍ଥିତିକୁ ନିୟନ୍ତ୍ରଣ କରିବା ସକାଶେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଜିଲାରେ ୬ ହଜାରରୁ ଉର୍ଦ୍ଧ୍ୱ ଶଯ୍ୟା ପ୍ରସ୍ତୁତ କରି ରଖିବା ଦିଗରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁତ୍ୱ ଦେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଭିଡିଓ କନଫରେନ୍ସ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳ ବ୍ୟତୀତ ପ୍ରତି ଉପଖଣ୍ଡରେ ଦୁଇ ହଜାର ଲେଖାଏ ଶଯ୍ୟା ପ୍ରସ୍ତୁତ ହେବ। ବ୍ଲକସ୍ତରରେ ନିହାତି ଭାବେ ୩ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି) ରହିବ। ପ୍ରତି ଟିଏମ୍‌ସିରେ ୨୦୦ ଶଯ୍ୟା ପ୍ରସ୍ତୁତ ହେବ। କରୋନା ଆକ୍ରାନ୍ତ ଥିବା ଅଞ୍ଚଳକୁ ପୁଣି ଥରେ ରେଡ୍‌ଜୋନ ଓ ଗ୍ରୀନ ଜୋନ ଘୋଷଣା କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ କହିଛନ୍ତି। ଉପଜିଲ୍ଲାପାଳମାନେ ଏ ସମ୍ପର୍କରେ କୋଭିଡ ସେଲକୁ ଜଣାଇବେ। ଟେଷ୍ଟିଂ ବୃଦ୍ଧି ସହ କିଭଳି ଟେଷ୍ଟିଂ ଚାଲିଛି ସେ ନେଇ ଉପଜିଲ୍ଲାପାଳ ମାନେ ଅନୁଧ୍ୟାନ କରିବେ। ସର୍ବସାଧାରଣଙ୍କ ପାଇଁ ମନ୍ଦିର ରହିଛି। ତେବେ ମନ୍ଦିର ନିକଟରେ ଥିବା ଦୋକାନ ଖୋଲା ରହୁଛି । ଏହାକୁ ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣ ଅନ୍ତଃତପକ୍ଷେ ଏକମାସ ପର୍ଯ୍ୟନ୍ତ ବ୍ଲକ୍, ଏନ୍‌ଏସି, ପୌର କାର୍ଯ୍ୟାଳୟ, ମହାନଗର ନିଗମ କାର୍ଯ୍ୟାଳୟ ଆଦି କୌଣସି ବି କାର୍ଯ୍ୟାଳୟକୁ ଯାଇ ଗହଳି ନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଅତି ଆବଶ୍ୟକ ହେଲେ ଜାରି ହୋଇଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ଜରୁରୀ ସେବା ବ୍ୟତୀତ ଅନ୍ୟ ସମସ୍ତ ସେବା ଏକମାସ କାଳ ବନ୍ଦ ରଖିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳସ୍ତରୀୟ ଜନସ୍ୱାସ୍ଥ୍ୟକେନ୍ଦ୍ରର ବହିଃଚିକିତ୍ସା (ଓପିଡି) ସେବା ବନ୍ଦ ରହିବ । ସମସ୍ତ ଡାକ୍ତରଙ୍କୁ କୋଭିଡ୍ ଚିକିତ୍ସା ନିମନ୍ତେ ଦାୟିତ୍ୱ ପ୍ରଦାନ କରାଗଲା ବୋଲି ଜିଲାପାଳ କହିଛନ୍ତି। ପଶ୍ଚିମବଙ୍ଗରୁ ଫେରୁଥିବା ପ୍ରବାସୀମାନଙ୍କୁ ବିଦ୍ୟାଳୟରେ ଟିଏମ୍‌ସି ଖୋଲାଯାଇ ସଙ୍ଗରୋଧରେ ରଖାଯିବ। କୋଭିଡ୍ କେୟାର ସେଣ୍ଟର (ସିସିସି)ଗୁଡିକରେ ଜଣେ ପ୍ରଶାସନିକ ଅଧିକାରୀ ଏବଂ ଜଣେ ସ୍ୱାସ୍ଥ୍ୟଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ । ବ୍ଲକ୍ ସ୍ତରୀୟ ସିସିସିର ଦାୟିତ୍ୱ ବିଡିଓ ଏହଂ ସହରାଞ୍ଚଳ ସିସିସି ଗୁଡିକର ଦାୟିତ୍ୱ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବୁଝିବେ। କୋଭିଡ୍ ପଞ୍ଚାୟତ ଆମ୍ବୁଲାନ୍ସଗୁଡିକରେ ଅକ୍ସିଜେନ୍ ସହ ଦୁଇଟି ଆମ୍ବୁଲାନ୍ସ ରଖିବାକୁ କୁହାଯାଇଛି। ହୋଟେଲରେ ଖାଇବା ସମ୍ପୂର୍ଣ୍ଣ ବାରଣ କରାଯାଇଛି। କେବଳ ପାର୍ସଲ ଦେବାପାଇଁ ହୋଟେଲମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତା କଡରେ ଠେଲା ଦୋକାନୀ ଖାଦ୍ୟ ବିକ୍ରି କରିପାରିବେନି। କୋଭିଡ୍ କେୟାର ସେଣ୍ଟର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯେପରି ଉପଲବ୍ଧ ହେବ ସେ ଦିଗରେ ପଦକ୍ଷେପ ନେବାପାଇଁ କୁହାଯାଇଛି ।

## ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

ଗୋପାଳପୁର,୨୩।୪

ଗୋଳନ୍ଥରା ଥାନା କନିଷି ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ବାପାଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୧୧/୨୧ରେ ମାମଲା ରୁଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗୋଳନ୍ଥରା ଥାନା କନିଷି ଗ୍ରାମର କେ.ରାମେୟାଙ୍କ ଝିଅ କୁମାରୀ ଗତ ୬ ବର୍ଷ ତଳେ ସେହି ଗ୍ରାମରେ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଆରମ୍ଭ ହୋଇଥିଲା। ଗତ ଦୁଇମାସ ତଳେ କୁମାରୀ ବାପା ଘରକୁ ଚାଲି ଯାଇଥିଲେ। ବିଭିନ୍ନ ସମୟରେ ତାଙ୍କ ସ୍ୱାମୀ ଶ୍ୱଶ୍ୱର ଘର ନିକଟକୁ ଯାଇ ଝିଅକୁ ଛାଡ଼ିବାକୁ ଗାଳିଗୁଲଜ କରୁଥିଲେ। ପରେ ରାମେୟା ତାଙ୍କ ଝିଅକୁ ଗତ ୧୯ ତାରିଖରେ ଶାଶୁ ଘରେ ନେଇ ଛାଡ଼ିଥିଲେ। ସେହିଦିନ ବିଳମ୍ବିତ ରାତ୍ରିରେ କୁମାରୀଙ୍କ ଶାଶୁ ଓ ସ୍ୱାମୀ ମିଶି ଝିଅକୁ ହତ୍ୟା କରିଥିବା ନେଇ ରାମେୟା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୁମାରୀଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପଟେ ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ଗ୍ରାମବାସୀ ଥାନାଧିକାରୀ ବାବୁଲି ନାୟକଙ୍କ ନିକଟରେ ଦାବି କରିଥିଲେ।

## କାଜୁ ଫ୍ୟାକ୍ଟ୍ରି ସିଲ୍ କଲା ପ୍ରଶାସନ


କାଜୁ ଫ୍ୟାକ୍ଟ୍ରି ମଧ୍ୟରେ ଅତିରିକ୍ତ ତହସିଲଦାରଙ୍କ ସହ ପୋଲିସ ।

ପୁରୁଷୋତ୍ତମପୁର,୨୩।୪(ଡି.ଏନ.ଏ.)

**କୋଭିଡ୍ ଆଇନ ଉଲ୍ଲଂଘନ**

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପୁରୁଷୋତ୍ତମପୁର ବ୍ଲକ ଭୂତସରସିଙ୍ଗିଠାରେ ଥିବା କାଜୁ ଫ୍ୟାକ୍ଟ୍ରିକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। କାଜୁ ଫ୍ୟାକ୍ଟ୍ରିରେ କୋଭିଡ୍ ଆଇନକୁ ଉଲ୍ଲଂଘନ କରି ଶତାଧିକ ମହିଳା ଶ୍ରମିକଙ୍କୁ ନେଇ କାର୍ଯ୍ୟ କରାଯାଉଥିଲା। ଏହା ଜାଣି ସ୍ଥାନୀୟ ଏଏସ୍‌ଆଇ ରବିନ୍ଦ୍ରନାଥ ପାଣିଗ୍ରାହୀ ସଦଳବଳ ଫ୍ୟାକ୍ଟ୍ରିରେ ଚଢ଼ାଉ କରିଥିଲେ। ଶ୍ରମିକମାନେ ମାସ୍କ ପିନ୍ଧି ନ ଥିବାବେଳେ ସାମାଜିକ ଦୂରତ୍ୱ ନ ଥିବା ନେଇ ପୁରୁଷୋତ୍ତମପୁର ତହସିଲଦାରଙ୍କୁ ଜଣାଇଥିଲେ। ଅତିରିକ୍ତ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ସୁନୀଲ୍ କୁମାର ଟୁଡୁ ଓ ଗୋଲକବିହାରୀ ସାହାଣୀ ପହଞ୍ଚି ଫ୍ୟାକ୍ଟ୍ରିକୁ ସିଲ୍ କରିଥିଲେ। ମାଲିକ ରମ୍ଭା ଥାନା ଅନ୍ତର୍ଗତ କାଠଗଡାର ମଦନ ମୋହନ ପଣ୍ଡା ବୋଲି ଜଣାପଡିଛି। ସେ ସେଠାରେ ନ ଥିବା ବେଳେ ଗୁମାସ୍ତା ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ଧରି ପୋଲିସ ଥାନାକୁ ଆଣିଥିଲା। ଥାନାରେ ସେ ଏହିଭଳି ଆଉ ଆଗାମୀ ଦିନରେ ଭୁଲ୍ ହେବ ନାହିଁ ବୋଲି କହିଥିଲେ। ଏଥିସହ ପାଞ୍ଚ ହଜାର ଟଙ୍କା ଜରିମାନା ଆଦାୟ କରି ସୋମବାର ପର୍ଯ୍ୟନ୍ତ ଫ୍ୟାକ୍ଟ୍ରି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏଏସ୍‌ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ କହିଛନ୍ତି।

# ମେ ୧୫ ଯାଏ ପାର୍କ, ପାଠାଗାର, ଖେଳପଡ଼ିଆ ବନ୍ଦ

ପାରଳାଖେମୁଣ୍ଡି,୨୩।୪(ଡି.ଏନ୍.ଏ.)

**ସପ୍ତାହାନ୍ତ ଶଟ୍‌ଡାଉନ୍ ନେଇ ଗଜପତି ପ୍ରଶାସନର ଗାଇଡ୍‌ଲାଇନ**

କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି କ୍ରମରେ ଗଜପତି ଜିଲାର ପାରଳାଖେମୁଣ୍ଡି ସହର ଶନିବାର ଓ ରବିବାର ଦୁଇଦିନ ଶଟ୍‌ଡାଉନ୍ ରହିବ। କେବଳ ଅତ୍ୟାବଶ୍ୟକ କାରବାରକୁ ଅନୁମତି ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଏଥିସହ ମେ ୧୫ ଯାଏ ପାର୍କ, ପାଠାଗାର, ଖେଳପଡ଼ିଆ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରହିବ ବୋଲି ନିର୍ଦ୍ଦେଶ ହୋଇଛି। ଶଟ୍‌ଡାଉନ୍ ବେଳେ ହସ୍ପିଟାଲ, କ୍ଲିନିକ୍, ନର୍ସିଂହୋମ୍, ମେଡିସିନ ଷ୍ଟୋର ଓ ଆମ୍ବୁଲାନ୍ସ କଟକଣାମୁକ୍ତ ରହିବ। ସ୍ୱାସ୍ଥ୍ୟ କର୍ମଚାରୀ, ଗଣମାଧ୍ୟମ ସଂସ୍ଥା କର୍ମଚାରୀ, ମ୍ୟୁନିସିପାଲିଟି, ପୋଲିସ ଅଗ୍ନିଶମ କର୍ମଚାରୀ, ଜରୁରୀ ସେବାରେ ନିୟୋଜିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀ, ଟେଲିକମ, ଜଳଯୋଗାଣ ପରିମଳ, ସ୍ୱେରେଜ ଓ ବିଦ୍ୟୁତ୍ ବିଭାଗକୁ କଟକଣାରୁ ବାଦ୍ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପାସ୍ ଦରକାର ନାହିଁ। ଟ୍ରେନ୍ ଓ ବିମାନ ଯାତ୍ରୀ ନିଜ ଟିକେଟ ଦେଖାଇ ଯାତାୟାତ କରିପାରିବେ। ରୋଗୀଙ୍କ ସହାୟକ ବିଶ୍ୱାସଯୋଗ୍ୟ ପ୍ରମାଣପତ୍ର ଦେଖାଇ ଯାଇପାରିବେ । ଶଟ୍‌ଡାଉନରେ ମାଲବାହୀ ଗାଡି ଚଳାଚଳ କରିପାରିବ। ଶିକ୍ଷାନୁଷ୍ଠାନ ଓ ଆଇଟି ସଂସ୍ଥା ଚାଲୁ ରହିବ। କୃଷି, ମତ୍ସ୍ୟ ଚାଷ କାମ ହୋଇପାରିବ । ଖାଦ୍ୟ ଓ ତେଜରାତି ଦୋକାନୀ ହୋମ୍ ଡେଲିଭରି ଦେଇପାରିବେ। ରାସ୍ତା ପାର୍ଶ୍ୱ ଢାବା ଖୋଲା ରହିବ କିନ୍ତୁ ସେଠାରେ ଖାଇବା ପାଇଁ ବାରଣ କରାଯାଇଛି। ହୋଟେଲଗୁଡିକରେ ଖାଦ୍ୟକୁ ପାର୍ସଲ ଦିଆଯିବ ଏବଂ ପେଟ୍ରୋଲ ପମ୍ପ ଓ ଏଟିଏମ୍ କାଉଣ୍ଟର ଖୋଲା ରହିବ ବୋଲି ଗାଇଡଲାଇନ ଜାରି କରାଯାଇଛି ।

## ନାବାଳିକାଙ୍କ ଅପହରଣକାରୀ ଗିରଫ

ବୁଗୁଡ଼ା,୨୩।୪(ଡି.ଏନ.ଏ.)

ବୁଗୁଡ଼ା ଥାନାଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଶୁକ୍ରବାର ଅପହରଣକାରୀଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଉକ୍ତ ଥାନା ଅଞ୍ଚଳର ଅଶୋକ ସେଠୀ। ଅପହରଣରେ ସହଯୋଗ କରିଥିବା ଅଟୋ ଚାଳକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଅପହରଣକାରୀଙ୍କ ସ୍ତ୍ରୀ ଭାରତୀ ସେଠୀଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ଏ ନେଇ ବୁଗୁଡ଼ା ପୋଲିସ ନଂ. ୧୮୭/୨୧ରେ ମାମଲା ରୁଜୁ କରିଛି। ନାବାଳିକା ସ୍ଥାନୀୟ କୋଚିଂ ସେଣ୍ଟରରୁ ଫେରୁଥିବା ବେଳେ ଅଶୋକ ଏବଂ ତାଙ୍କ ସ୍ତ୍ରୀ ନାବାଳିକାଙ୍କୁ ଜୋର କରି ନେଇ ପୂର୍ଣ୍ଣଚନ୍ଦ୍ରଙ୍କ ଅଟୋରେ ବସାଇ ବାଲିପଦର ନେଇଥିଲେ। ସେଠାରୁ ଏକ ବାଇକରେ ଅଶୋକ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ବୁଗୁଡ଼ା ପୋଲିସ ତଦନ୍ତ କରି ପୂର୍ଣ୍ଣଚନ୍ଦ୍ର ଓ ଭାରତୀଙ୍କୁ ଧରିବାପରେ ଶୁକ୍ରବାର ଆସିକା ବସ୍‌ଷ୍ଟାଣ୍ଡରେ ଏକ ଗାଡ଼ିରେ ଆସୁଥିବା ଅଶୋକ ଓ ନାବାଳିକାଙ୍କୁ ଧରିଥିଲା। ଉଭୟଙ୍କ ଡ଼ାକ୍ତରୀ ମାଇନା ପରେ ଅଶୋକଙ୍କୁ ଗିରଫ କରି ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି।

## କେଶପୁର ବଜାରରେ ଯାଞ୍ଚ, ଜରିମାନା ଆଦାୟ

ଖଲ୍ଲିକୋଟ,୨୩।୪(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ କେଶପୁର ପରିବା ମାର୍କେଟରେ ଶୁକ୍ରବାର ସ୍ଥାନୀୟ ତହସିଲଦାର ରାଜକିଶୋର ପଟ୍ଟନାୟକ, ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ପୋଲିସ ଟିମ ସହ ଚଢ଼ାଉ କରିଥିଲେ। ମାସ୍କ ପିନ୍ଧି ନ ଥିବା ଦୋକାନୀ ଓ ଗ୍ରାହକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସେହିପରି ପରିବା ଗୋଦାମ, ରାଶନ ଦୋକାନରୁ ଜରିମାନା ଆଦାୟ ହୋଇଥିଲା। ପରେ ଖଲ୍ଲିକୋଟ ରେଳଷ୍ଟେଶନ ପାଖ ଦୋକାନରେ ଚଢ଼ାଉ କରାଯାଇ ୧୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ ହୋଇଥିଲା।

## ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ଛତ୍ରପୁର,୨୩।୪(ଡି.ଏନ.ଏ.)

ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଛତ୍ରପୁର ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କାଳିଆ ପରିଡା। ଯୁବତୀଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ କାଳିଆ ତାଙ୍କ ଘରକୁ ଚାଲି ଆସି ଖରାପ ବ୍ୟବହାର କରିଥିଲେ। ଏ ନେଇ ଯୁବତୀ ତାଙ୍କ ମା' ବାପାଙ୍କୁ ଜଣାଇଥିଲେ। ପରିବାର ଲୋକେ ଏ ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୧୮୮/୨୧ରେ ମାମଲା ରୁଜୁ ଅଭିଯୁକ୍ତଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ


ଖଲ୍ଲିକୋଟ କାର୍ଯ୍ୟକ୍ରମରେ ଉପସ୍ଥିତ ତହସିଲଦାର ଓ ହିତାଧିକାରୀ।

ଖଲ୍ଲିକୋଟ/ ବେଗୁନିଆପଡା, ୨୩।୪(ଡି.ଏନ.ଏ.)

କୋଭିଡ୍ କଟକଣାରେ ଖଲ୍ଲିକୋଟ ବ୍ଲକ ମଥୁରା ପଞ୍ଚାୟତରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରେଭିନ୍ୟୁ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୧୩ ଜଣ ହିତାଧିକାରୀଙ୍କୁ ଘର, ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ସେହିପରି ଓଏଲାପ ଗୁଡିଏ କେସ୍ ସହ ଦୁଇଟି ଅଭିଯୋଗ ଶୁଣାଣି ହୋଇଥିଲା। ମଥୁରା ଆରଆଇ ସର୍କଲର ଜନସାଧାରଣ ଉପସ୍ଥିତ ଥିଲେ। ଖଲ୍ଲିକୋଟ ରାଜସ୍ୱ କର୍ମଚାରୀ ଏହାକୁ ପରିଚାଳନା କରିଥିଲେ। ସେହିପରି ବେଗୁନିଆପଡା ବ୍ଲକ ବୁରୁଝରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ୩୧ ମାମଲା ପଞ୍ଜୀକୃତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ପରିଦର୍ଶକ ବୈଦ୍ୟନାଥ ଗୌଡ଼, ବୁରୁଝରି ରାଜସ୍ୱ ନିରୀକ୍ଷକ ଦେବାଶିଷ ମାଝୀ, ଅମିନ ଗଙ୍ଗାଧର ଜଇନୀ, ସହାୟକ ରାଜସ୍ୱ ନିରୀକ୍ଷକ ବିରୂପାକ୍ଷ ବେହେରା, ବରିଷ୍ଠ ରାଜସ୍ୱ ସହାୟକ ସଞ୍ଜୟ କୁମାର ସେଠୀ, ସନ୍ତୋଷ ବେହେରା, ଡିଇଓ କେଦାର ମହାନ୍ତି, ସିନିୟର କ୍ଲର୍କ ରବୀନ୍ଦ୍ର ବେହେରା, ଚିନ୍ମୟୀ ବେହେରା, ଅନିତା ନାୟକ, ରେକର୍ଡ ରକ୍ଷକ ଜଗନ୍ନାଥ ପଟ୍ଟନାୟକ, ବଂଶୀଧର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ମୋହନା ବ୍ଲକରେ କର୍ମଚାରୀ ଅଭାବ

ପାରଳାଖେମୁଣ୍ଡି,୨୩।୪(ଡି.ଏନ୍.ଏ.)

ଗଜପତି ଜିଲାର ମୋହନା ହେଉଛି ଓଡିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ। ଏହି ବ୍ଲକ ୩୯ଟି ପଞ୍ଚାୟତକୁ ନେଇ ଗଠିତ। ବ୍ଲକରେ କର୍ମଚାରୀ ଅଭାବ ଲାଗି ରହିଚି। ଦୁର୍ଗମ ତଥା ଆଦିବାସୀ ଅଞ୍ଚଳରୁ ଲୋକେ କୌଣସି ନା କୌଣସି କାମ ପାଇଁ ବ୍ଲକକୁ ଆସିଲେ ଅଧିକାରୀ ନ ଥିବାରୁ ଶୀଘ୍ର ସେମାନଙ୍କ ଜରୁରୀ କାର୍ଯ୍ୟ ହୋଇପାରି ନ ଥାଏ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଂଶୀଧର ଖୋସଲା ବହିଷ୍କୃତ ହେବା ପରେ ୨ମାସ ହେଲା ଏହି ପଦବୀ ପୂରଣ ହୋଇପାରୁନି। ଆର୍. ଉଦୟଗିରି ବିଡିଓ ପ୍ରଦୀପ ନାୟକ ବର୍ତ୍ତମାନ ମୋହନା ବ୍ଲକର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଛନ୍ତି। ସେହିପରି ସହକାରୀ ନିର୍ବାହୀ ଅଧିକାରୀଙ୍କ ପଦବୀ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଖାଲି ପଡିଛି। ସାମାଜିକ ସୁରକ୍ଷାଅଧିକାରୀଙ୍କ ପଦବୀ ମଧ୍ୟ ଖାଲି ପଡିଛି। ତେଣୁ ବ୍ଲକରେ ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନି। ଏ ନେଇ ବହୁବାର ଅଭିଯୋଗ ସତ୍ତ୍ୱେ ବି କୌଣସି ସୁଫଳ ମିଳୁନି। ଅନ୍ୟପକ୍ଷରେ ୩୯ଟି ପଞ୍ଚାୟତ ମଧ୍ୟରୁ ୨୯ ପିଇଓ ପଦବୀ ଖାଲି ପଡ଼ିଛି। ବ୍ଲକ ଶିକ୍ଷାଅଧିକାରୀ ଲିବନୁସ ବାର୍ଲା ୨୦୧୯ ଜୁନ୍ ୩୦ରେ ଅବସର ଗ୍ରହଣ କରିବା ପରେ ଉକ୍ତ ପଦବୀରେ କେହି ନିଯୁକ୍ତି ପାଇନାହାନ୍ତି। ଆର. ଉଦୟଗିରି ବ୍ଲକ ଶିକ୍ଷାଅଧିକାରୀ ଉଭୟ ଦାୟିତ୍ୱ ବହନ କରୁଛନ୍ତି।

# ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ

ଫୁଲବାଣୀ ଅଫିସ, ୨୩।୪


ଜଣେ ମହିଳାଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି ।

କନ୍ଧମାଳ ଜିଲାରେ ଶୁକ୍ରବାର ପୁଣି ୩୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ କଣ୍ଟେନମେଣ୍ଟ ଅଞ୍ଚଳରୁ ୧୮ ଜଣ, ନୂତନ ସଂକ୍ରମିତ ୧୪ ଜଣ ଏବଂ ଜିଲା ବାହାର ଅନ୍ୟ ସ୍ଥାନରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଫୁଲବାଣୀ ସହରାଞ୍ଚଳରେ ୮ ଜଣ ଏବଂ ଗ୍ରାମାଞ୍ଚଳରେ ୩ ଜଣକୁ ମିଶାଇ ସର୍ବାଧିକ ୧୧ ଜଣ ଆକ୍ରାନ୍ତ ହୋଇଛନ୍ତି। ନୂତନ ଆକ୍ରାନ୍ତ ଚିହ୍ନଟ ସ୍ଥାନକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ କରାଯାଇଛି। ସଂକ୍ରମଣକୁ ପ୍ରତିହତ କରିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ଥାନଗୁଡିକରେ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ପରୀକ୍ଷା ଆରମ୍ଭ କରିଛନ୍ତି। ସେମାନଙ୍କ ନମୂନା ସଂଗ୍ରହ କରାଯିବା ସହ ପରୀକ୍ଷା କରାଯାଇଛି । ଲୋକମାନଙ୍କୁ କୋଭିଡ ସମ୍ପର୍କରେ ସଚେତନ କରାଯାଉଛି । ନୂତନ ଭାବେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ।

# ସମସ୍ତ ଘରକୁ ପାଇପ ଜଳ ଯୋଗାଣ ଲକ୍ଷ୍ୟ ପୂରଣ ହେଉନି

ଭଞ୍ଜନଗର,୨୩।୪(ଡି.ଏନ.ଏ)

**ସର୍ଭେରେ ତ୍ରୁଟି, ୧୭୨୪ ଘରର ଠିକଣା ମିଳୁନାହିଁ**

୨୦୨୧ ମାର୍ଚ୍ଚ ସୁଦ୍ଧା ସହରାଞ୍ଚଳର ସମସ୍ତ ଘରକୁ ପାଇପ ଯୋଗେ ପାଣି ଯୋଗାଣ ଲକ୍ଷ୍ୟ ଥିଲା। ଧାର୍ଯ୍ୟ ସମୟ ପୁରିଥିଲେ ମଧ୍ୟ ଲକ୍ଷ୍ୟ ପୂରଣ ହୋଇପାରିଲାନାହିଁ। ଭଞ୍ଜନଗର ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଭଞ୍ଜନଗର, ସୋରଡ଼ା ଓ ବେଲଗୁଣ୍ଠା ଏନଏସିରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ୨୦୧୯ରେ ସର୍ଭେ ଅନୁସାରେ ବର୍ତ୍ତମାନ ଉକ୍ତ ୩ ଏନ୍‌ଏସିରେ ୧୭୨୪ଟି ଘରର ଠିକଣା ମିଳୁନାହିଁ । ସର୍ଭେରେ ତ୍ରୁଟି ଯୋଗୁ ଏହିଭଳି ସମସ୍ୟା ଉପୁଜିଥିବା ବିଭାଗ ପକ୍ଷରୁ କୁହାଯାଉଛି। ୨୦୧୯ରେ ୱାଟର ମନିଟର ସମେତ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନେଇ ସହର ଗୁଡ଼ିକରେ କେତେ ଘର ଅଛି ସର୍ଭେ ହୋଇଥିଲା। ଭଞ୍ଜନଗର ଏନ୍‌ଏସିରେ ୫୦୧୦ ଘରକୁ ପାଣି ଯୋଗାଇବାପାଇଁ ଚିହ୍ନଟ ହୋଇଥିଲା। ସେଥିମଧ୍ୟରୁ ୪୦୧୮ ଘରକୁ ପାଇପ ପାଣି ଯୋଗାଇବା ବ୍ୟବସ୍ଥା କରାଯାଇଛି । ବଳକା ୯୯୨ ଘର ଠିକଣା ମିଳୁନାହିଁ। ସୋରଡ଼ା ୩୫୧୦ ଘର ଚିହ୍ନଟ ହୋଇଥିବା ବେଳେ ୩୦୭୦ ଘରକୁ ପାଣି ଦେବା ବ୍ୟବସ୍ଥା ହୋଇଛି । ୪୪୦ ଘରର ଠିକଣା ମିଳୁନାହିଁ। ସେହପରି ବେଲଗୁଣ୍ଠା ୨୭୩୩ ଘର ଚିହ୍ନଟ ହୋଇଥିବା ବେଳେ ୨୪୪୧ ଘରକୁ ପାଣି ଦେବା ବ୍ୟବସ୍ଥା ହୋଇଛି। ବଳକା ୨୯୨ ଘରର ଠିକଣା ମିଳୁନାହିଁ। ଏନେଇ ଭଞ୍ଜନଗର ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓ ବିଜୟ କୁମାର ସାହୁ କହିଛନ୍ତି, ସର୍ଭେରେ ତ୍ରୁଟି ଯୋଗୁ ଏହି ସମସ୍ୟା ଉପୁଜିଛି। ଇତିମଧ୍ୟରେ କିଛି ଘର ଠିକଣା ମିଳିଛି। ଉକ୍ତ ଘରଗୁଡ଼ିକୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବ । ଯେଉଁ ଘର ଗୁଡ଼ିକର ଠିକଣା ମିଳୁନାହିଁ ତାହାର ତାଲିକା ଏନ୍‌ଏସିକୁ ହସ୍ତାନ୍ତର କରାଯିବ। ଏନ୍‌ଏସି ଯାହା ପଦକ୍ଷେପ ନେବ । ଠିକଣା ମିଳୁ ନ ଥିବା ଘରଗୁଡ଼ିକ ଦୋକାନ ଘର ହୋଇଥିବା ଅନୁମାନ କରାଯାଉଛି । ବର୍ତ୍ତମାନ ଯେତିକି ଘର ଚିହ୍ନଟ ହୋଇଛି ସେଥିମଧ୍ୟରୁ ଅଳ୍ପ କିଛି ଘରକୁ ମଧ୍ୟ ପାଣି ଯୋଗାଇ ଦିଆଯାଇନାହିଁ । ହେଲେ ସମସ୍ତ ଅଞ୍ଚଳକୁ ପାଇପ୍ ଯାଇଛି । ଆବଶ୍ୟକ ଅନୁଯାୟୀ ସହରବାସୀଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଛି। ଉପରୋକ୍ତ ୩ ଏନଏସିରେ ପାଣି ଯୋଗାଣରେ କୌଣସି ସମସ୍ୟା ନାହିଁ ବୋଲି ଏସଡିଓ କହିଛନ୍ତି ।

